ଭାରତ ସଂଘ ଏବଂ ଅନ୍ୟମାନେ

*ବନାମ*

ଶେର ସିଂହ ଏବଂ ଅନ୍ୟଜଣେ

15 ଏପ୍ରିଲ, 1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସ୍ଥାବର ସମ୍ପତ୍ତି ଅର୍ଜନ ଏବଂ ଅଧିଗ୍ରହଣ ଅଧିନିୟମ, 1952:*

*ଧାରା 8 - ମଧ୍ୟସ୍ଥି ଅଧିନିର୍ଣ୍ଣୟ - ମାନସିକ ଦୁଶ୍ଚିନ୍ତା ଜନିତ କ୍ଷତିପୂରଣ ଏବଂ ସୁଧ ପ୍ରଦାନ - ନିର୍ଣ୍ଣୟ କରାଯାଇଥିଲା, ସୁଧ ଏବଂ ମାନସିକ ଦୁଶ୍ଚିନ୍ତା ଜନିତ କ୍ଷତିପୂରଣ ପ୍ରଦାନ କରିବାର ଅଧିକାରିତା କ୍ଷେତ୍ରରୁ ମଧ୍ୟସ୍ଥି ବଞ୍ଚିତ ।*

*ଭାରତ ସଂଘ* **ବନାମ** *ହରି କିଶନ ଖୋସଲା,* **[1993] Supp. 2 SCC 149, ଉପରେ ନିର୍ଭର କରାଯାଇଥିଲା ।**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 7668/1996 ।

L.P.A. ସଂଖ୍ୟା 444/1990ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 5.4.90 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପକ୍ଷରୁ ସି. ଭି. ଏସ୍. ରାଓଙ୍କ ପାଇଁ ଶ୍ରୀମତୀ ଇନ୍ଦିରା ସାହନୀ ।

ଉତ୍ତରଦାତାମାନଙ୍କ ପକ୍ଷରୁ ସଞ୍ଜୟ ସରିନ୍ ଏବଂ ଅଶୋକ ମାଥୁର ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ମଞ୍ଜୁର କରାଗଲା ।

ଆମେ ଉଭୟ ପକ୍ଷର ବିଦ୍ୱାନ ଅଧିବକ୍ତାଙ୍କୁ ଶୁଣିଛୁ ।

LPA ସଂଖ୍ୟା 444/90ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠଙ୍କ ଦ୍ୱାରା 5 ଏପ୍ରିଲ, 1990 ତାରିଖରେ କରାଯାଇଥିବା ଆଦେଶରୁ ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ଉତ୍ପନ୍ନ ହୋଇଛି । ପଠାନକୋଟର ବିହାର ତହସିଲ ଗ୍ରାମରେ

ଅବସ୍ଥିତ ଉତ୍ତରଦାତାଙ୍କର ଜମି ସମେତ ଅନ୍ୟମାନଙ୍କ ଜମି, ଯାହାର ପରିମାଣ 50.55 ଏକର ଅଟେ, ଅଧିଗ୍ରହଣ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ସ୍ଥାବର ସମ୍ପତ୍ତି ଅର୍ଜନ ଏବଂ ଅଧିଗ୍ରହଣ ଅଧିନିୟମ, 1952 (ସଂକ୍ଷେପରେ, 'ଅଧିନିୟମ') ଅନୁଯାୟୀ ପ୍ରତିରକ୍ଷା ଉଦ୍ଦେଶ୍ୟରେ ଅଧିଗ୍ରହଣ କରାଯାଇଥିଲା । ଜମି ଅଧିଗ୍ରହଣ ଅଧିକାରୀ କ୍ଷତିପୂରଣ ବାବଦକୁ କେନାଲ ପିଛା 201 ଟଙ୍କା ଧାର୍ଯ୍ୟ କରିଥିଲେ । ଯେତେବେଳେ ଅଧିନିୟମର ଧାରା 8 ଅନୁଯାୟୀ ଉତ୍ତରଦାତାମାନଙ୍କ ଦ୍ୱାରା ଏକ ଆବେଦନ କରାଯାଇଥିଲା, ସେତେବେଳେ ମଧ୍ୟସ୍ଥି 6 ଡିସେମ୍ବର, 1986 ତାରିଖର ତାଙ୍କ ଅଧିନିର୍ଣ୍ଣୟରେ କ୍ଷତିପୂରଣ କେନାଲ ପିଛା 1,000 ଟଙ୍କା ସ୍ଥିର କରିଥିଲେ । ସେ ମଧ୍ୟ ଦଖଲ ଗ୍ରହଣ ତାରିଖ ଠାରୁ ଏକ ବର୍ଷ ପାଇଁ ବାର୍ଷିକ 30% ହାରରେ ମାନସିକ ଦୁଶ୍ଚିନ୍ତା ଜନିତ କ୍ଷତିପୂରଣ ଏବଂ 9% ହାରରେ ସୁଧ ପ୍ରଦାନ କରିଥିଲେ ଏବଂ ତା'ପରେ ଜମା ତାରିଖ ପର୍ଯ୍ୟନ୍ତ 15% ହାରରେ ପ୍ରଦାନ କରିଥିଲେ । ଯେତେବେଳେ ଆପତ୍ତି କରାଯାଇଥିଲା, ଅପିଲଟି ବିଦ୍ୱାନ ଏକକ ବିଚାରପତିଙ୍କ ଦ୍ୱାରା ଖାରଜ କରାଯାଇଥିଲା ଏବଂ ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠ ଦ୍ୱାରା ସୁନିଶ୍ଚିତ କରାଯାଇଥିଲା । ତେଣୁ ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ।

ବିଚାର ପାଇଁ ଉତ୍ଥାପିତ ଏକମାତ୍ର ପ୍ରଶ୍ନ ହେଉଛି: ଉତ୍ତରଦାତାମାନେ ମଧ୍ୟସ୍ଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ମାନସିକ ଦୁଶ୍ଚିନ୍ତା ଜନିତ କ୍ଷତିପୂରଣ ଏବଂ ଅଧିନିର୍ଣ୍ଣିତ ସୁଧ ପାଇବାକୁ ହକଦାର କି? *ଭାରତ ସଂଘ* ବନାମ *ହରି କିଶନ ଖୋସଲା,* [1993] Supp. 2 SCC 149 ମାମଲାରେ ନ୍ୟାୟାଳୟ ନିର୍ଣ୍ଣୟ କରିଥିଲେ ଯେ ଦାବିଦାରମାନେ ମାନସିକ ଦୁଶ୍ଚିନ୍ତା ଜନିତ କ୍ଷତିପୂରଣ ଏବଂ ସୁଧ ପାଇବାକୁ ହକଦାର ନୁହଁନ୍ତି କାରଣ ଏହି ଅଧିନିୟମ ଏହାର ଦେୟ ପାଇଁ ବ୍ୟବସ୍ଥା କରେ ନାହିଁ । ଶେଷ ଥର ପାଇଁ ଯେତେବେଳେ ଏହି ମାମଲା ଶୁଣାଣି ପାଇଁ ଆସିଥିଲା, ଏହି ଅଦାଲତ 25 ମାର୍ଚ୍ଚ, 1996 ତାରିଖରେ ଏକ ଆଦେଶ ପାରିତ କରି ଅପିଲକାରୀଙ୍କୁ K-ଫର୍ମର ନଥି ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । 19 ଡିସେମ୍ବର, 1995 ତାରିଖରେ ଅପିଲକାରୀମାନଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା ଏକ ଚିଠି ଆମ ନିକଟରେ ଉପସ୍ଥାପନ କରାଯାଇଥିଲା ଯେଉଁଥିରେ ଦର୍ଶାଯାଇଥିଲା ଯେ ଉତ୍ତରଦାତାମାନେ ପ୍ରତିବାଦିତ ରାଶି ପାଇ ନାହାଁନ୍ତି କିମ୍ବା ନିର୍ଦ୍ଧାରିତ ସମୟ ମଧ୍ୟରେ ମଧ୍ୟସ୍ଥି ନିଯୁକ୍ତି ପାଇଁ କୌଣସି ଆବେଦନ କରିନାହାଁନ୍ତି । ଜମି ଅଧିଗ୍ରହଣ ଅଧିକାରୀଙ୍କ ଅଧିନିର୍ଣ୍ଣୟ ବିରୁଦ୍ଧରେ କ୍ଷତିପୂରଣ ନିର୍ଦ୍ଧାରଣ ପାଇଁ ମଧ୍ୟସ୍ଥିଙ୍କ ନିଯୁକ୍ତି ସମ୍ବନ୍ଧରେ ଆମକୁ ପ୍ରଶ୍ନର ଗଭୀରତାକୁ ଯିବାର ଆବଶ୍ୟକତା ନାହିଁ କାରଣ ସେହି ଆଦେଶ ଚୂଡ଼ାନ୍ତ ହୋଇଯାଇଛି । ଏକମାତ୍ର ପ୍ରଶ୍ନ ହେଉଛି:ଉତ୍ତରଦାତାମାନେ ମାନସିକ ଦୁଶ୍ଚିନ୍ତା ଜନିତ କ୍ଷତିପୂରଣ ଓ ସୁଧ ପାଇବାକୁ ହକଦାର କି?

ଉତ୍ତରଦାତାମାନଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତା ଯୁକ୍ତି ବାଢିବାକୁ ଚାହୁଁଥିଲେ ଯେ ଏହି ଅଧିନିୟମ ନ୍ୟାୟସଙ୍ଗତ କ୍ଷତିପୂରଣ ନିର୍ଦ୍ଧାରଣ ପାଇଁ ବ୍ୟବସ୍ଥା କରେ । ସମସ୍ତ ତିନୋଟି ଉପାଦାନ ନ୍ୟାୟସଙ୍ଗତ କ୍ଷତିପୂରଣ ନିର୍ଦ୍ଧାରଣର ଏକ ଅଂଶକୁ ଗଠନ କରେ ଏବଂ ସେଥିପାଇଁ, ମଧ୍ୟସ୍ଥିଙ୍କ ଦ୍ୱାରା ପାରିତ ଅଧିନିର୍ଣ୍ଣୟ ହସ୍ତକ୍ଷେପକୁ ସମର୍ଥନ କରେ ନାହିଁ । ଉକ୍ତ ଯୁକ୍ତିରେ ଆମେ କୌଣସି ସାମର୍ଥ୍ୟ ପାଉନାହୁଁ । ଏହି ଅଧିନିୟମ ଅନୁଯାୟୀ ଅଧିଗ୍ରହଣ କରାଯାଇଥିବା ଜମିର ମୂଲ୍ୟ ସମ୍ବନ୍ଧରେ ନ୍ୟାୟସଙ୍ଗତ କ୍ଷତିପୂରଣ ନିର୍ଦ୍ଧାରଣ କରାଯାଇଥାଏ । ଯେହେତୁ ଅଧିନିୟମ ଅନୁଯାୟୀ ନିର୍ଦ୍ଧାରିତ କ୍ଷତିପୂରଣ ବ୍ୟତୀତ ମାନସିକ ଦୁଶ୍ଚିନ୍ତା ଜନିତ କ୍ଷତିପୂରଣ ଏବଂ ସୁଧ ପଇଠ ହୋଇଥାଏ, ତେଣୁ ହରି କିଶନ ଖୋସଲାଙ୍କ ମାମଲାରେ (ଉପରୋକ୍ତ) ଏହି ଅଦାଲତ ନିର୍ଣ୍ଣୟ କରିଥିଲେ ଯେ ମାନସିକ ଦୁଶ୍ଚିନ୍ତା ଜନିତ କ୍ଷତିପୂରଣ ଏବଂ ସୁଧ ପ୍ରଦାନ କରିବା ମଧ୍ୟସ୍ଥିଙ୍କ ଅଧିକାରିତାରେ ନାହିଁ । ଏହି ପରିସ୍ଥିତିରେ, ମାନସିକ ଦୁଶ୍ଚିନ୍ତା ଜନିତ କ୍ଷତିପୂରଣ ଏବଂ ସୁଧ ପ୍ରଦାନକୁ ସମର୍ଥନ କରିବାରେ ଉଚ୍ଚ ନ୍ୟାୟାଳୟ ଠିକ୍ ନଥିଲେ ।

ମାନସିକ ଦୁଶ୍ଚିନ୍ତା ଜନିତ କ୍ଷତିପୂରଣ ଏବଂ ସୁଧ ପ୍ରଦାନ କରିବା ପର୍ଯ୍ୟନ୍ତ ଏବଂ ପ୍ରତି କେନାଲ ପିଛା 1,000 ଟଙ୍କା କ୍ଷତିପୂରଣ ନିର୍ଦ୍ଧାରଣ ସମ୍ବନ୍ଧରେ ଏହି ଅପିଲକୁ ଅନୁମତି ପ୍ରଦାନ କରାଯାଇଛି ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ କାଏମ ରଖାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ୍.　　　　　　　　　　　　　　　　　　ଅପିଲକୁ ଅନୁମତି ପ୍ରଦାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ